**D.A.V. PUBLIC SCHOOLS, BHUBANESWAR**

**SUMMATIVE ASSESSMENT – I (2016-17)**

**CLASS – VI**

**SUB: LOWER ODIA**

*Time : 2 ½ hours* *Full Marks: 90*

**ସାଧାରଣ ନିର୍ଦ୍ଦେଶାବଳୀ :**

- ପ୍ରତ୍ୟେକ ପ୍ରଶ୍ନକୁ ମନଦେଇ ପଢ଼ ।
- ନିର୍ଦ୍ଦେଶ ଅନୁସାରେ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।
- ପ୍ରଶ୍ନମାନଙ୍କର କ୍ରମିକ ସଂଖ୍ୟା ଠିକ୍ କରି ଲେଖ ।
- ପ୍ରଶ୍ନ ପତ୍ରର ଦୁଇଟି ବିଭାଗରେ ମୋଟ ୧୪ ଟି ପ୍ରଶ୍ନ ଅଛି ।

**'କ' ବିଭାଗ - ୪୫**

**୧. ନିମ୍ନଲିଖିତ ଅନୁଚ୍ଛେଦଟିକୁ ପଢ଼ି ଦତ୍ତ ପ୍ରଶ୍ନମାନଙ୍କର ଉତ୍ତର ଲେଖ ।** (୫×୨=୧୦)

ଭାରତର ଶତକଡ଼ା ୭୫ ଭାଗ ଲୋକ କୃଷିଉପରେ ନିର୍ଭର କରନ୍ତି । ଆମ ଦେଶରେ ଯେତେ ପ୍ରକାର ଫସଲ କରାଯାଏ, ସେଥି ମଧ୍ୟରୁ ଧାନ ପ୍ରଧାନ ଫସଲ । ଭାରତର ଅଧିକାଂଶ ଅଞ୍ଚଳରେ ଧାନ ଚାଷ କରାଯାଏ । ଏହା ବ୍ୟତୀତ ପୃଥିବୀର ବିଭିନ୍ନ ମୌସୁମୀ ବାୟୁ ପ୍ରବାହିତ ଅଞ୍ଚଳରେ ଧାନ ଚାଷ କରାଯାଏ । ଧାନଚାଷ କରିବାରେ ଚୀନ ଦେଶ ପ୍ରଥମ ଓ ଭାରତ ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ସାଧାରଣତଃ ମୌସୁମୀ ବାୟୁ ପ୍ରବାହିତ ଅଞ୍ଚଳରେ ଧାନଚାଷ ହୋଇଥାଏ । ଏଥିପାଇଁ ଉଷ୍ମ ଆର୍ଦ୍ର ଜଳବାୟୁ ଅନୁକୂଳ । ଉର୍ବର ଓ ପଟୁମିଶା ଦୋରସା ମାଟିରେ ଧାନଚାଷ ଭଲ ହୁଏ । ନଦୀ ଉପତ୍ୟକାମାନଙ୍କର ଉର୍ବର ମୃତ୍ତିକା ଧାନଚାଷ ପାଇଁ ଅତି ଉତ୍ତମ । କାରଣ ନଦୀଜଳରେ ପ୍ରଚୁର ପରିମାଣରେ ପଟୁ ଆସି ଜମିରେ ପଡ଼େ । ବର୍ଷର ବିଭିନ୍ନ ସମୟରେ ଧାନଚାଷ କରାଯାଉଥିଲେ ମଧ୍ୟ ବର୍ଷାଋତୁ ଆରମ୍ଭ ପୂର୍ବରୁ ଚାଷୀ ଖରାଟିଆ ଚାଷ କରି ମାଟିକୁ କମଣ କରିଥାଏ । ବର୍ଷାଋତୁ ଆରମ୍ଭରେ ଯେଉଁ ଧାନବିହନ ବୁଣାଯାଏ ଏବଂ ଶୀତଋତୁରେ ଅମଳ କରାଯାଏ ତାହାକୁ ଶାରଦ ବା ବଡ ଧାନ କହନ୍ତି । କିନ୍ତୁ ଠିକ୍ ସେହି ସମୟରେ ବିହନ ବୁଣାଯାଇ ଭାଦ୍ରବ କିମ୍ବା ଆଶ୍ୱିନ ମାସରେ ଯେଉଁ ଧାନ ଅମଳ କରାଯାଏ ତାହାକୁ ଲଘୁଧାନ ବା ଛୋଟ ଧାନ କୁହନ୍ତି ।

ପ୍ରଶ୍ନ -

(କ) କାହାକୁ ବଡ଼ଧାନ କହନ୍ତି ?

(ଖ) ଭାରତର କେତେଭାଗ ଲୋକ କୃଷି ଉପରେ ନିର୍ଭର କରନ୍ତି ?

(ଗ) ଧାନଚାଷରେ କେଉଁ ଦେଶ ପ୍ରଥମ ଓ କେଉଁ ଦେଶ ଦ୍ୱିତୀୟ ?

(ଘ) କାହାକୁ ଲଘୁଧାନ କୁହାଯାଏ ?

(ଙ) ନଦୀ ଉପତ୍ୟକା ମାଟି କ'ଣ ପାଇଁ ଧାନଚାଷ ପାଇଁ ଉତ୍ତମ ଅଟେ ?

୨. ଯେ କୌଣସି ଗୋଟିଏ ବିଷୟରେ ଅନୁଚ୍ଛେଦଟିଏ ଲେଖ । (୧×୫=୫)

ମୋ ଜନ୍ମଭୂମି, ଗ୍ରୀଷ୍ମଋତୁ

୩. ଭଲ ପାଠ ପଢିବା ପାଇଁ ଉପଦେଶ ଦେଇ ସାନଭାଇ ପାଖକୁ ଏକ ପତ୍ର ଲେଖ । (୧×୫=୫)

କିମ୍ବା

ବିଦ୍ୟାଳୟର ପ୍ରଥମଦିନର ଅନୁଭୂତି ସମ୍ପର୍କରେ ବର୍ଣ୍ଣନା କରି ସାଙ୍ଗ ପାଖକୁ ପତ୍ରଟିଏ ଲେଖ ।

୪. ନିମ୍ନ ଶବ୍ଦ ମାନଙ୍କର ସଠିକ୍ ବିପରୀତ ଶବ୍ଦମାନ ବାଛିଲେଖ । (୫×୧=୫)

ନୂତନ - (ପୂରୁବ, ପୁରାତନ, ଆଧୁନିକ, ଅଦ୍ୟତନ)

ଅଯୋଗ୍ୟ – (ଯୋଗ୍ୟ, ଦକ୍ଷ, ଶକ୍ତିମାନ, କର୍ମଠ)

ସମ୍ପୂର୍ଣ୍ଣ – (ପରିପୂର୍ଣ୍ଣ, ଅସମ୍ପୂର୍ଣ୍ଣ, ସ୍ୱୟଂ ସମ୍ପନ୍ନ, ବିଚ୍ଛିନ୍ନ)

ସାଧାରଣ – (ଅସାଧାରଣ, ବେସାଧାରଣ, ଅନୁସାଧାରଣ, ପରିଚ୍ଛନ୍ନ)

ପୁରସ୍କାର – (ତିରସ୍କାର, ନମସ୍କାର, ବହିଷ୍କାର, ପରିଷ୍କାର)

୫. ନିମ୍ନ ଶବ୍ଦମାନଙ୍କର ଲିଙ୍ଗ ପରିବର୍ତ୍ତନ କରି ଲେଖ ।(ସଠିକ୍ ଶବ୍ଦ ବାଛି) (୫×୧=୫)

ରାଜା – (ମହାରାଜା, ରାଣୀ, ପ୍ରଜା, ଶାସକ)

ଛାତ୍ର – (ଅଣଛାତ୍ର, ନୂତନଛାତ୍ର, ଛାତ୍ରୀ, ବହୁପୁରାତନଛାତ୍ରୀ)

ବୁଢା – (ବୁଢୀ, ବୁଢୀଆଣୀ, ଦରବୁଢୀ, ଜେଜୀ)

ଶିକ୍ଷକ – (ମାଡାମ୍, ଶିକ୍ଷୟିତ୍ରୀ, ଗୁରୁମା, ମାତାମହୀ)

ବାପା – (ମାଆ, ବୁଢୀମାଆ, ଜେଜେବାପା, ପିତାମହ)

୬. ନିମ୍ନ ଶବ୍ଦମାନଙ୍କର ଅର୍ଥ ଲେଖ (୫ଟିର) (୫×୧=୫)

ଧରା, ଦୟାମୟ, ଦୋସଡ଼ା, ପାଏ, ତନ୍ତ, ମଧୁକାଳ, ଅନ୍ତେ

୭. 'କ' ସ୍ତମ୍ଭ ର ଶବ୍ଦ ସହ 'ଖ' ସ୍ତମ୍ଭର ଶବ୍ଦକୁ ଯୋଡ଼ି ଲେଖ । (୫×୧=୫)

| 'କ' | 'ଖ' |
|---|---|
| ଆକୁଳ | ନୟନ |
| ଯେଝା | ଅନ୍ତରେ |
| ଧୂଳି | ବାସେ |
| ବାହୁଡ଼ଇ | ଗଗନ |
| ଘୋଟଇ | ଘରେ |
| | ଉଡ଼ାଇଣ |

୮. ନିମ୍ନଲିଖିତ ଶବ୍ଦମାନଙ୍କର ଅକ୍ଷର ଗୁଡିକୁ ସଜାଡ଼ି ଠିକ୍ ଶବ୍ଦ ଲେଖ । (୫×୧=୫)

କାରିଠୁଆ, କ୍ଷିକାମ, କୋଳକି, ପିହମତା, ପ୍ରତଭା

## 'ଖ' ବିଭାଗ – ୪୫

୯. 'ଟିକିଟିକି' କିମ୍ବା 'ସଂଧ୍ୟା' କବିତାର ପ୍ରଥମ ଦଶଧାଡ଼ି ଲେଖ । (୧୦×୧=୧୦)

**୧୦. ନିମ୍ନଶବ୍ଦମାନଙ୍କୁ ଲଗାଇ ବାକ୍ୟ ଗଠନ କର । (୩ଟିର)** (୩×୨=୬)

ସ୍ଫୂର୍ତ୍ତି, ସତେଜ, ଦୁର୍ଦ୍ଦଶା, ଚିନ୍ତାମଗ୍ନ

**୧୧. ଗୋଟିଏ ବାକ୍ୟରେ ନିମ୍ନ ପ୍ରଶ୍ନମାନଙ୍କର ଉତ୍ତର ଲେଖ । (୭ଟିର)** (୭×୧=୭)

(କ) କେଉଁ ମାନଙ୍କୁ 'ରେମୋ' ବୋଲି କୁହାଯାଏ ?

(ଖ) 'ଗଛ ଓ କାଠୁରିଆ' ପଦ୍ୟର କବି କିଏ ?

(ଗ) ସମୁଦ୍ର କିପରି ସୃଷ୍ଟି ହୋଇଛି ବୋଲି କବି କହିଛନ୍ତି ?

(ଘ) ସକାଳ ବୁଲାରୁ ଫେରି ମଧୁବାବୁ କ'ଣ ଦେଖିଲେ ?

(ଙ) ରାଜାଙ୍କ ପ୍ରଧାନ ସଉକ କ'ଣ ଥିଲା ?

(ଚ) 'ଦିନମଣି' ବୋଲି କାହାକୁ କୁହାଯାଇଛି ?

(ଛ) ଗଛକୁ କିଏ ଲଗାଇଥିଲେ ବୋଲି ପିଲାଟି କାଠୁରିଆକୁ କହୁଛି ?

(ଜ) 'ଆସଇ ରଜନୀ ରାଣୀ ଧରି କଳାବେଶ' ଏ କଥା କହିବାର ଅର୍ଥ କ'ଣ ?

(ଝ) ନୂତନ ପରିଚ୍ଛଦଟିକୁ ଦେଖିବାକୁ ରାଜା ପ୍ରଥମେ କାହାକୁ ପଠାଇଲେ ?

**୧୨. ନିମ୍ନ ପ୍ରଶ୍ନମାନଙ୍କର ଉତ୍ତର ଲେଖ । (୩ଟିର)** (୩×୩=୯)

(କ) ମଧୁବାବୁଙ୍କର ଅଭାବ ଘଟିଲା କାହିଁକି ?

(ଖ) ପ୍ରଧାନମନ୍ତ୍ରୀ ଚିନ୍ତାମଗ୍ନ ହୋଇ ପଡିଲେ କାହିଁକି ?

(ଗ) ରାତି ସମୟରେ ଗହଳ ଚହଳ ଶୁଭେନାହିଁ କାହିଁକି ?

(ଘ) ଗଛ କି କି ଘଟଣା ସବୁ ଦେଖିଛି ବୋଲି କବିତାରେ ଲେଖାଯାଇଛି ?

୧୩. ଜଣେ ଲୋକ ଗଛଟିଏ ହାଣିବାକୁ ଯାଉଛି, ଆମେ ତାକୁ କ'ଣ କହି ଗଛ ନ ହାଣିବା ପାଇଁ ବୁଝାଇବା ।(୫)

କିମ୍ବା

ପ୍ରାକୃତିକ ସୌନ୍ଦର୍ଯ୍ୟ ମନୁଷ୍ୟର ଦୁଃଖ ଓ ଅବସାଦକୁ ଦୂର କରେ 'ସଂଧ୍ୟା' କବିତା ଅବଲମ୍ବନରେ ବୁଝାଇ ଲେଖ ।

୧୪. ସଠିକ୍ ଉତ୍ତର ବାଛି ପ୍ରଶ୍ନମାନଙ୍କର ଉତ୍ତର ଲେଖ । (୮×୧=୮)

(କ) 'ଟିକିଟିକି' କବିତାର କବି କିଏ ?

(ପଣ୍ଡିତ ଗୋଦାବରୀଶ ମିଶ୍ର, ମଧୁସୂଦନ ରାଓ, ବଟକୃଷ୍ଣ ସ୍ୱାଇଁ, ନନ୍ଦକିଶୋର ବଳ)

(ଖ) କ୍ଷିତି ଶବ୍ଦର ଅର୍ଥ କ'ଣ ?

(ଘର, ମାଟି, ଗାର, ପବନ) ପୃଥ୍ୱୀ

(ଗ) ସୁଦାମର ଘର କେଉଁଠି ?

(ବିଡ଼ାନାସୀରେ, ତୁଳସୀପୁରରେ, ବାଦାମବାଡ଼ିରେ, ମଧୁସୂଦନ ନଗରରେ)

(ଘ) 'ଏବେ ମୁଦିବେ ନୟନ' ଏହାର ଅର୍ଥ କ'ଣ ?

(ନୟନ ଖୋଲିବେ, ନୟନ ବନ୍ଦ କରିବେ, ନୟନ ତରାଟି ଦେଖିବେ, ନୟନ ପରଖିବେ)

(ଙ) 'କାଠୁରିଆ' ର କାମ କ'ଣ ?

(ଗଛ ଲଗାଇବା, ଗଛ ହାଣିବା, ଗଛ ମୂଳେ ପାଣିଦେବା, ଗଛରେ ସାରଦେବା)

(ଚ) ବଣ୍ଡାମାନେ ଓଡ଼ିଶା ପ୍ରଦେଶରେ କେଉଁ ଜିଲ୍ଲାରେ ବାସ କରନ୍ତି ?

(କେଉଁଝର, ମୟୂରଭଞ୍ଜ, ମାଲକାନାଗିରି, ବାଲେଶ୍ୱର)

(ଛ) ବଣ୍ଡା ମାନଙ୍କର ଘର କେଉଁଥିରେ ଛପର ହୋଇଛି ?

(ପିରିଘାସ, ନଡ଼ା, କୁଟା, ଆଜବେଷ୍ଟସ୍)

(ଜ) 'ଶଠ' ବ୍ୟକ୍ତିମାନଙ୍କର କାର୍ଯ୍ୟ କ'ଣ ?

(ଶାଠ ପଢ଼ାଇବା, ଶାସ୍ତ୍ର ଶୁଣାଇବା, ଠକିବା, ପଢ଼ିଶୁଣାଇବା)

XXX